# ଜିଲା ମୁଖ୍ୟ ଚିକିତ୍ସାଳୟରେ ସ୍ୱଚ୍ଛତା ପକ୍ଷ




ଢେଙ୍କାନାଳ,୨।୧୦(ରତନ ନାୟାର): ଢେଙ୍କାନାଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଗତ ୧୭ ତାରିଖଠାରୁ ବୁଧବାର ପର୍ଯ୍ୟନ୍ତ ସ୍ୱଚ୍ଛତା ପକ୍ଷ ପାଳିତ ହୋଇଯାଇଛି । ଏହି ଅବସରରେ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସର, ଦକ୍ଷିଣକାଳୀ ମନ୍ଦିର ନିକଟସ୍ଥ ବଜାର ଓ ୧୦ନଂ ୱାର୍ଡସ୍ଥିତ କଲୋନି ସାହିରେ ସ୍ୱଚ୍ଛତା ପକ୍ଷ କାର୍ଯ୍ୟକ୍ରମ ହୋଇଥିଲା । ମୁଖ୍ୟ ଚିକିତ୍ସାଳୟର କର୍ମକର୍ତ୍ତା, ସରକାରୀ ନର୍ସିଂ କଲେଜ ଛାତ୍ରୀଛାତ୍ର, ରୋଟାରୀ କ୍ଲବ, ଶିଳ୍ପ ବାଣିଜ୍ୟ ପ୍ରତିଷ୍ଠାନ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ଶୋଭା ଓ ପୌରସଂସ୍ଥାର କର୍ମକର୍ତ୍ତାମାନେ ସହଯୋଗ କରିଥିଲେ । ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଦିଲୀପ କୁମାର ବିଶ୍ୱାଳ, ନିର୍ଦ୍ଦେଶକ ଡା. ରଞ୍ଜନ କୁମାର ସାମଲ, ସ୍ଥାନୀୟ କାଉନସିଲର ସୁମିତ୍ରା ମଲ୍ଲିକ ଓ ଚିକିତ୍ସାଳୟ ପରିଚାଳକ ଦେବବ୍ରତ ସାହୁ ପ୍ରମୁଖ କର୍ମକର୍ତ୍ତାମାନେ ସାମିଲ ହୋଇଥିଲେ । ଏହି ଅବସରରେ ଏକ ଶୋଭାଯାତ୍ରା ଆୟୋଜିତ ହୋଇଥିଲା । ଏଥିରେ ନିଜ ପରିବେଶକୁ ସଦାସର୍ବଦା ସଫା ରଖିବା ପାଇଁ ଲୋକମାନଙ୍କୁ ସଚେତନ କରାଯିବା ସହ ସ୍ୱଭାବ ସ୍ୱଚ୍ଛତା ଓ ସଂସ୍କାର ସ୍ୱଚ୍ଛତାର ବାର୍ତ୍ତା ଦିଆଯାଇଥିଲା ।

# ବନଦୁର୍ଗା ମା' ମଲ୍ଲିକେଶ୍ୱରୀ ପୀଠର ଉନ୍ନୟନ ପାଇଁ ଆଞ୍ଚଳିକ ସମାବେଶ



ଢେଙ୍କାନାଳ,୨।୧୦(ରତନ ନାୟାର)

ଢେଙ୍କାନାଳ–କଟକ ଜିଲା ସୀମାବର୍ତ୍ତୀ ୫୫ନଂ ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ବନଦୁର୍ଗା ମା'ମଲ୍ଲିକେଶ୍ୱରୀ ପୀଠଠାରେ ମା'ଙ୍କର ଷୋଡଶ ଦିନାତ୍ମକ ପୂଜାର ସପ୍ତମ ଦିବସରେ ବଳଦିଆବନ୍ଧ ଓ ନଡିଆଳି ଗ୍ରାମପଞ୍ଚାୟତର ବୁଦ୍ଧିଜୀବୀ, ସମାଜସେବୀ, ଯୁବ ସ୍ୱେଚ୍ଛାସେବୀ ଓ ମା'ଙ୍କର ଭକ୍ତମଣ୍ଡଳୀଙ୍କର ଏକ ସମାବେଶ ବୁଧବାର ଅନୁଷ୍ଠିତ ହୋଇଥିଲା । 'ବନଦୁର୍ଗା ମା' ମଲ୍ଲିକେଶ୍ୱରୀ ଟ୍ରଷ୍ଟ' ଆହ୍ୱାନରେ ପୂର୍ବତନ ଭାରତୀୟ ସେନା ଅଧିକାରୀ ଶଙ୍କର୍ଷଣ ଜେନାଙ୍କ ସଭାପତିତ୍ୱରେ ଏହି ସମାବେଶ ଅନୁଷ୍ଠିତ ହୋଇଯାଇଛି । ସମାବେଶରେ ମା'ଙ୍କର ନୂତନ ନିର୍ମାଣାଧିନ ମନ୍ଦିରକୁ ଏକ ଉନ୍ନତ କାରୁକାର୍ଯ୍ୟପୂର୍ଣ୍ଣ କରାଯାଇ ଭକ୍ତ ଓ ଦର୍ଶକମାନଙ୍କ ମନକୁ ଛୁଇଁଲା ଭଳି କରାଯିବା ପାଇଁ ସମସ୍ତେ ମତପୋଷଣ କରିଥିଲେ । ମା'ଙ୍କ ମନ୍ଦିରଟି ଜାତୀୟ ରାଜପଥ ନଂ–୫୫ ପାର୍ଶ୍ୱ ଢେଙ୍କାନାଳ–କଟକ ଜିଲାର ସୀମାରେ ରହିଥିବାରୁ ଏହା ଢେଙ୍କାନାଳ ଜିଲାର ମୁଖଶାଳା ସଦୃଶ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳକୁ ସୌନ୍ଦର୍ଯ୍ୟକରଣ କରାଯାଇ ଏକ ପାର୍କ ନିର୍ମାଣ କରାଯାଇପାରିଲେ ଢେଙ୍କାନାଳ ଜିଲାକୁ ଆସୁଥିବା ବାହାର ରାଜ୍ୟ ତଥା ଅନ୍ୟ ଜିଲ୍ଲାର ଲୋକମାନେ ଢେଙ୍କାନାଳ ଜିଲାର ପ୍ରବେଶ ପଥରୁ ହିଁ ଢେଙ୍କାନାଳ ଜିଲାର ଗୌରବ ସମନ୍ଧେ ଅବଗତ ହୋଇପାରିବେ । ଜାତୀୟ ରାଜପଥ ସଂପ୍ରସାରଣ ଓ ଦୁଇ ଥାକିଆ ହେବା ଫଳରେ ପୀଠରେ ଥିବା ବିଶ୍ରାମଗାରକୁ ଉଚ୍ଛେଦ କରାଯାଇଥିଲା । ଜାତୀୟ ରାଜପଥର ଉଭୟ ପାର୍ଶ୍ୱରେ ଦୁଇଗୋଟିଏ ବିଶ୍ରାମଗାର ନିର୍ମାଣ, ଢେଙ୍କାନାଳ–କଟକ ସୀମାରେ ଦୁଇଟି ଫଳକ ନିର୍ମାଣ କରାଯିବା ପାଇଁ ପ୍ରସ୍ତାବ ଗ୍ରହଣ କରାଯାଇଥିଲା । ଏ ସବୁ କାର୍ଯ୍ୟଗୁଡିକ କରାଯିବା ପାଇଁ ଜନପ୍ରତିନିଧି, ସ୍ଥାନୀୟ ପ୍ରଶାସନ, ଜାତୀୟ ରାଜପଥ ପ୍ରାଧିକରଣଙ୍କ ସହଯୋଗ ନେବା ପାଇଁ ସଭାରେ ନିଷ୍ପତ୍ତି କରାଗଲା । ମା'ଙ୍କ ନୂତନ ମନ୍ଦିର ନିର୍ମାଣ ପାଇଁ ଭକ୍ତମାନଙ୍କଠାରୁ ଦାନ ସଂଗ୍ରହ ନିମନ୍ତେ ହୁଣ୍ଡି ସ୍ଥାପନ କରିବା, ଟ୍ରଷ୍ଟ ନାମରେ ଖୋଲାଯାଇଥିବା ବ୍ୟାଙ୍କ ଆକାଉଣ୍ଟରେ ଜମା ପାଇଁ ସ୍କାନର, ଦାତାମାନଙ୍କ ଅବଗତି ନିମନ୍ତେ ବ୍ୟାଙ୍କ ଆକାଉଣ୍ଟ ନମ୍ବରର ଏକ ଫଳକ ସ୍ଥାପନ ଓ ବ୍ୟାନର ମାଧ୍ୟମରେ ପ୍ରକାଶ କରାଗଲେ ଦାତାମାନେ ଦାନ ଅର୍ଥ ସହଜରେ ପ୍ରଦାନ କରିବେ ବୋଲି ସମାବେଶରେ ମତପ୍ରକାଶ ପାଇଥିଲା । ସଭାରେ ଟ୍ରଷ୍ଟର ମ୍ୟାନେଜିଙ୍ଗ୍ ଟ୍ରଷ୍ଟି ବିଜୟ କୁମାର ସାହୁ, ପୂର୍ବତନ ଜିଲା ପରିଷଦ ସଭ୍ୟ ଜୟକୃଷ୍ଣ ଜେନା, କ୍ଷେତ୍ରବାସୀ ସାହୁ, ସତ୍ୟାନନ୍ଦ ସାହୁ, ସଦାନନ୍ଦ ସାହୁ, ମାଧବ ଚନ୍ଦ୍ର ବେହେରା, ଶେଷଦେବ ସାହୁ, ଅରୁଣ ପାତ୍ର, ଶେଷଦେବ ପାଣି, ଦିଲ୍ଲୀପ କୁମାର ମହାନ୍ତି, ଦାଶରଥୀ ବେହେରା, କୃପାସିନ୍ଧୁ ବେହେରା, ଯୁବ ସମାଜସେବୀ ଶୁଭ୍ରାଂଶୁ ସାମଲ, ଦିଲ୍ଲୀପ ବେହେରା, କୃଷ୍ଣଚନ୍ଦ୍ର ପରିଡା, ବାବୁଲି ଜେନା, ସୁବାସ ସାହୁ, ବାବୁଲି ପଟ୍ଟନାୟକ ଓ ମନ୍ଦିରର ପୂଜକ ସତ୍ୟାନନ୍ଦ ରଣା ପ୍ରମୁଖ ନିଜ ନିଜର ମତପୋଷଣ କରିଥିଲେ । ସର୍ବଶେଷରେ ବିଜ୍ଞାନ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

# ଆମ ପ୍ରତିଭା ଆମ ସମ୍ମାନ ପକ୍ଷରୁ ଶାସ୍ତ୍ରୀ ଜୟନ୍ତୀ



ଢେଙ୍କାନାଳ,୨।୧୦(ରତନ ନାୟାର)

ଢେଙ୍କାନାଳର ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ଆମ ପ୍ରତିଭା ଆମ ସମ୍ମାନ' ପକ୍ଷରୁ ବୁଧବାର ଜାତିର ପିତା ମହାତ୍ମାଗାନ୍ଧୀ ଓ ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲ ବାହାଦୁର ଶାସ୍ତ୍ରୀଙ୍କ ଜୟନ୍ତୀ ପାଳିତ ହୋଇଯାଇଛି । ଅନୁଷ୍ଠାନର ପ୍ରତିଷ୍ଠାତା ପୂର୍ବତନ ଏମ୍‌ପି ମହେଶ ସାହୁ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ବସଷ୍ଟାଣ୍ଡସ୍ଥିତ ଗାନ୍ଧୀପାର୍କଠାରେ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତି ଓ ପୂର୍ତ୍ତବିଭାଗ ଡାକ ବଙ୍ଗଳା ସମ୍ମୁଖରେ ଶାସ୍ତ୍ରୀଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହିତ ଅହିଂସା କେବଳ ଏକ ଦର୍ଶନ ନୁହେଁ, କାର୍ଯ୍ୟ କରିବାର ପଦ୍ଧତି ବୋଲି କହିଥିଲେ । ଏହି ଉପଲକ୍ଷେ ଅନୁଷ୍ଠାନର ସଦସ୍ୟମାନେ କାର୍ଯ୍ୟାଳୟଠାରୁ ଏକ ପଦଯାତ୍ରାରେ ବାହାରିଥିଲେ । ପ୍ରତାପ ଦାସ, ସଦାନନ୍ଦ ସେଠି, ଆଇନଜୀବୀ ନବକିଶୋର ସାହୁ, କିଶାନ ବିଶ୍ୱାଳ, ରୁଦ୍ରାନ୍ତ କୁମାର ଦଳେଇ, ମହେନ୍ଦ୍ର ସାହୁ, ଦୁଷ୍ମନ୍ତ ମହାନ୍ତିଙ୍କ ସମେତ ବହୁ ସଦସ୍ୟ ସାମିଲ ହୋଇଥିଲେ ।

# ଗାନ୍ଧିଜୀ ଓ ଶାସ୍ତ୍ରିଜୀଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ



ଢେଙ୍କାନାଳ,୨।୧୦(ରତନ ନାୟାର)

ଢେଙ୍କାନାଳ ଜିଲା କଂଗ୍ରେସ ପକ୍ଷରୁ ବୁଧବାର ସ୍ଥାନିୟ ଗାନ୍ଧୀ ମନ୍ଦିର ଠାରେ ଜିଲା ସଭାପତି ସୁନୀଲ ଦାଶଙ୍କ ସଭାପତିତ୍ୱରେ ଜାତିର ଜନକ ମହାତ୍ମା ଗାନ୍ଧୀ ଓ ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲ୍ ବାହାଦୁର ଶାସ୍ତ୍ରୀଙ୍କ ଜୟନ୍ତୀ ପାଳିତ ହୋଇଯାଇଛି । ଗାନ୍ଧୀଜୀ ଓ ଶାସ୍ତ୍ରୀଜୀଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ନେତୃବୃନ୍ଦ ଆହ୍ୱାନ ଦେଇଥିଲେ । ଏହି ଅବସରରେ ଉଭୟ ମହାପୁରୁଷଙ୍କୁ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା । ଗାନ୍ଧୀବାଦକୁ ଆଧାର କରି କଂଗ୍ରେସର ପୃଷ୍ଠଭୂମି ତିଆରି ହୋଇଛି । ପ୍ରତ୍ୟେକ କଂଗ୍ରେସ କର୍ମୀ ଏବଂ ନେତା ଗାନ୍ଧୀଜୀଙ୍କ ଆଦର୍ଶରେ ନିଜର ସାଧାରଣ ଜୀବନ ପାଳନ କଲେ ଲୋକଙ୍କର ଶ୍ରଦ୍ଧାଭାଜନ ହୋଇ ପାରିବେ ବୋଲି ସମସ୍ତେ ଯତ୍ନବାନ ହେବା ଆବଶ୍ୟକ ବୋଲି ମତପ୍ରକାଶ ପାଇଛି । ଶାସ୍ତ୍ରୀଜୀଙ୍କ ଜୀବନର ସରଳତା, ଦେଶସେବା, କୃଷକ ଏବଂ ସୈନିକମାନଙ୍କ ପ୍ରତି ସମ୍ମାନ ଆଦି ବିଷୟରେ ଆଲୋଚନା କରାଯାଇଥିଲା । ବରିଷ୍ଠ ନେତା ରବି ନାରାୟଣ ମହାନ୍ତି, ଡାକ୍ତର ତୁଷାରକାନ୍ତି ନାୟକ, ରୁଦ୍ର ପ୍ରକାଶ ସରଣ, ରାଜୀବ ଲୋଚନ ସିଂହଦେଓ, ହୃଦୟାନନ୍ଦ ମହାନ୍ତି, ଏର୍ସାଦ୍ ମହମ୍ମଦ, ନୁରୁଲ୍ ଇସଲାମ୍, ନିଶାକର ସାହୁ, ସରୋଜ ଶତପଥି, ସ୍ମିତାରାଣୀ ସାମଲ, ପ୍ରମୋଦ ମହାପାତ୍ର, ଅଖିଳ ମହାପାତ୍ର, ଅମ୍ଳାନ ଖଟୁଆ, ବିଷ୍ଣୁଚରଣ ସାହୁ, ଉର୍ମିଳା ଦାସ, ଟଙ୍କଧର ବେହେରା, ବାସନ୍ତୀ ସ୍ୱାଇଁ, ମିର୍ଜା ମୁନିବ ବେଗ, ବିପ୍ରବର ସାହୁ ପ୍ରମୁଖ ସକ୍ରିୟ ଅଂଶଗ୍ରହଣ କରିଥିଲେ । ଶେଷରେ ବେଣୁଧର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଉତ୍କଳ ସମ୍ମିଳନୀ ପକ୍ଷରୁ ଗାନ୍ଧୀ ଜୟନ୍ତୀ



ଢେଙ୍କାନାଳ,୨।୧୦(ରତନ ନାୟାର)

ଉତ୍କଳ ସମ୍ମିଳନୀ ଢେଙ୍କାନାଳ ଜିଲା ଶାଖା ପକ୍ଷରୁ ବୁଧବାର ମହାତ୍ମା ଗାନ୍ଧୀଙ୍କ ଜୟନ୍ତୀ ପାଳିତ ହୋଇଛି । ବସଷ୍ଟାଣ୍ଡ ସ୍ଥିତ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା । କାର୍ଯ୍ୟକ୍ରମରେ ଉତ୍କଳ ସମ୍ମିଳନୀ ଜିଲା ସଭାପତି ଡା.ଅକ୍ଷୟ କୁମାର ମହାନ୍ତି, କାର୍ଯ୍ୟକାରୀ ସଭାପତି ଡା. ପ୍ରମୋଦ କୁମାର ନାୟକ, ସମ୍ପାଦକ ଇଂ ଲଳିତ ମୋହନ ବେହେରା, କାର୍ଯ୍ୟାଳୟ ସମ୍ପାଦକ ବିନୟ କୁମାର ପାତ୍ର, ଉପସଭାପତି ବିକାଶ ତ୍ରିପାଠୀ, ବିନୋଦ ମଲ୍ଲିକ, ଲକ୍ଷ୍ମୀକାନ୍ତ ପଟ୍ଟନାୟକ, ଦୀପକ ପଟ୍ଟନାୟକ, ଅଧ୍ୟାପିକା ପୁଷ୍ପଲତା ରଥ ପ୍ରମୁଖ ମହାତ୍ମା ଗାନ୍ଧୀଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ଶେଷରେ ଓଡ଼ିଆ ଭାଷା ସାହିତ୍ୟର ଉନ୍ନତି ପାଇଁ ଉତ୍କଳ ସମ୍ମିଳନୀର କେନ୍ଦ୍ରୀୟ ସଭାପତି ଉଚ୍ଚନ୍ୟାୟାଳୟର ବରିଷ୍ଠ ଅଧିବକ୍ତା ବସନ୍ତ ତ୍ରିପାଠୀଙ୍କ ବାର୍ତ୍ତା ଆଲୋଚନା ହୋଇଥିଲା ।



## ସଂକ୍ଷେପରେ

### ୧୮ କେଜି ଗଞ୍ଜେଇ ଜବତ, ପଶ୍ଚିମବଙ୍ଗର ୩ ଗିରଫ



ଢେଙ୍କାନାଳ,୨।୧୦(ରତନ ନାୟାର)

ଅନୁଗୋଳ ଜିଲ୍ଲା କଣିହା ଅଞ୍ଚଳରୁ ଢେଙ୍କାନାଳ ସହରକୁ ଗଞ୍ଜେଇ ଚୋରାଚାଲାଣ ବେଳେ ସହର ମଧ୍ୟରୁ ଟାଉନ ଥାନା ପୋଲିସ ୩ଟି ବ୍ୟାଗ ଭର୍ତ୍ତି ୧୮ କେଜି ୧୧୬ ଗ୍ରାମ ଗଞ୍ଜେଇ ଜବତ କରିଥିଲେ। ଏହି ଘଟଣାରେ ପଶ୍ଚିମବଙ୍ଗ ଅଞ୍ଚଳର ୩ଜଣଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ପଶ୍ଚିମବଙ୍ଗ ମୁର୍ସିଦାବାଦ ଜିଲାର ଜଲାଙ୍ଗି ଥାନା ଅଞ୍ଚଳର ମଜବୁର ମଣ୍ଡଳ(୩୬), ପୋଲାସପୁର ଗ୍ରାମର ରାକେଶ ସିଲ(୨୨) ଓ ଜଲାଙ୍ଗି ଗ୍ରାମର ମୋହର ଶେଖ(୪୫)। ୫୫ନଂ ଜାତୀୟ ରାଜପଥର କୋରିଆଁ ବାଇପାସ୍ ନିକଟରେ ଟାଉନ ଥାନା ପୋଲିସ ପାଟ୍ରୋଲିଂ କରୁଥିବା ବେଳେ ଚୋରାଚାଲାଣ ହେଉଥିବା ଗଞ୍ଜେଇ ସହ ୩ ଅଭିଯୁକ୍ତଙ୍କୁ ଗିରଫ କରିଥିଲେ। ଏ ସଂକ୍ରାନ୍ତରେ ଟାଉନ ଥାନାରେ କେସ୍ ନଂ–୬୩୩।୨୪ରେ ଏକ ମାମଲା ରୁଜୁ କରାଯାଇଛି ।

### ସଖୀ ପକ୍ଷରୁ ସ୍ୱଚ୍ଛତା କାର୍ଯ୍ୟକ୍ରମ

ଢେଙ୍କାନାଳ,୨।୧୦(ରତନ ନାୟାର): ଗାନ୍ଧୀ ଜୟନ୍ତୀ ଉପଲକ୍ଷେ ଢେଙ୍କାନାଳ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଏକ ବିଶେଷ ସ୍ୱଚ୍ଛତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏଥିରେ ୱାନ ଷ୍ଟପ୍ ସେଣ୍ଟର 'ସଖୀ'ର କର୍ମଚାରୀମାନେ ସକ୍ରିୟ ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ସମସ୍ତେ ମିଶି ଚିକିତ୍ସାଳୟ ପରିସରରେ ସ୍ୱଚ୍ଛତା କାର୍ଯ୍ୟକ୍ରମକୁ ସାର୍ଥକ କରିବା ପାଇଁ ସଂଘବଦ୍ଧ ହୋଇ କାମ କରିଥିଲେ। ସ୍ୱଚ୍ଛ ଭାରତ ଅଭିଯାନ ଉଦ୍ଦେଶ୍ୟରେ ଲୋକମାନଙ୍କୁ ସଚେତନ କରାଯାଇଥିଲା। ଏହି ଅବସରରେ ଚିକିତ୍ସାଳୟ ପରିସରକୁ ପରିଷ୍କାର କରାଯାଇଥିଲା। କାର୍ଯ୍ୟକ୍ରମରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଦିଲୀପ କୁମାର ବିଶ୍ୱାଳ ଅଧ୍ୟକ୍ଷତା କରିଥିଲେ। ଅତିରିକ୍ତ ଜିଲା ଚିକିତ୍ସାଧିକାରୀ ଡା. ରଞ୍ଜନ କୁମାର ସାମଲଙ୍କ ସମେତ ଅନ୍ୟ କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ ।

# ଜନ ଭାଗୀଦାରି ବଢ଼ିଲେ ପଞ୍ଚାୟତ ସଶକ୍ତ ହେବ

## ମଙ୍ଗଳପୁରରେ ସ୍ୱତନ୍ତ୍ର ଗ୍ରାମସଭା

ଢେଙ୍କାନାଳ,୨।୧୦(ରତନ ନାୟାର)



ସ୍ୱତନ୍ତ୍ର ଗ୍ରାମସଭାରେ ମଞ୍ଚାସୀନ ଅତିଥିମାନେ।

ଢେଙ୍କାନାଳ ଜିଲା ସଦର ବ୍ଲକ ମଙ୍ଗଳପୁର ଗ୍ରାମପଞ୍ଚାୟତ ପରିସରରେ ବୁଧବାର ଗାନ୍ଧୀ ଜୟନ୍ତୀ ଅବସରରେ ଏକ ସ୍ୱତନ୍ତ୍ର ଗ୍ରାମସଭା ଅନୁଷ୍ଠିତ ହୋଇଯାଇଛି । ସରପଞ୍ଚ ଲୀନା ଦାସଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଭାବେ ସଦର ବିଡିଓ ଆୟୁଷି ମହାପାତ୍ର, କେନ୍ଦ୍ର ପଞ୍ଚାୟତିରାଜ ମନ୍ତ୍ରାଳୟର ଡେପୁଟି ସେକ୍ରେଟାରୀ ଯୋଗିନ୍ଦର ସିଂହ ଓ ସେକ୍ସନ ଅଫିସର ଯୋଗେନ୍ଦ୍ର ମୀନା, ଜିଲା ପରିଷଦ ସଭ୍ୟ ଅଶୋକ ପରିଡ଼ା ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ପ୍ରାରମ୍ଭରେ ସ୍କୁଲ ପିଲାମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ପରିବେଷଣ କରାଯାଇଥିଲା। ଗ୍ରାମସଭାରେ ମହିଳା ଓ ଶିଶୁ ଅନୁକୂଳ ଗ୍ରାମପଞ୍ଚାୟତ ଗଠନ ଦିଗରେ ଆଲୋଚନା କରାଯାଇଥିଲା। ଜନ ଭାଗୀଦାରି ବଢିଲେ ଏକ ସଶକ୍ତ ପଂଚାୟତ ଗଠନ ହୋଇପାରିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ସ୍କୁଲ ଓ କଲେଜ ପିଲାମାନେ ଶିଶୁ ଅନୁକୂଳ ପଞ୍ଚାୟତ ଗଠନ ଦିଗରେ ସେମାନଙ୍କର ମତାମତ ପ୍ରଦାନ କରିଥିଲେ। ପିରାମଲ ଫାଉଣ୍ଡେଶନର ଜିଲା ପ୍ରୋଗ୍ରାମ ଲିଡର ନେହା ମୌର୍ଯ୍ୟ ପାୱାର ପଏଣ୍ଟ ମାଧ୍ୟମରେ ମହିଳା ଓ ଶିଶୁ ଅନୁକୂଳ ଗ୍ରାପଞ୍ଚାୟତ ଗଠନ ସମ୍ପର୍କରେ ତଥ୍ୟ ଉପସ୍ଥାପନ କରିଥିଲେ। ଏହି ଅବସରରେ ପଞ୍ଚାୟତସ୍ତରରେ ଉତ୍କୃଷ୍ଟ ସେବା ପାଇଁ ବ୍ୟକ୍ତି ବିଶେଷଙ୍କୁ ସମ୍ମାନିତ କରାଯାଇଥିଲା। ଏଥିସହିତ ବରିଷ୍ଠ ନାଗରିକମାନଙ୍କୁ ପଞ୍ଚାୟତ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏସ୍‌ଆଇଆରଡି ପକ୍ଷରୁ ଭାନୁପ୍ରକାଶ ସ୍ୱାଇଁ, ସନ୍ଦିପ କୁମାର ପଟ୍ଟନାୟକ, ପିରାମଲ ଫାଉଣ୍ଡେଶନର ପ୍ରୋଗ୍ରାମ ଡାଇରେକ୍ଟର ଗୋନ୍ତି ଶଙ୍କର କ୍ରିଷ୍ଣନ, ସିନିୟର ପ୍ରୋଗ୍ରାମ ମ୍ୟାନେଜର ଡିଏନ୍ ଦୁର୍ଗ, ଜିଲା ପରିଷଦ ପକ୍ଷରୁ ଡିପିଏମ୍ ଆରଜିଏସ୍ଏ ତପନ ଦାସ, ସାନିଟେସନ କନସଲଟାଣ୍ଟ ସ୍ମୃତିକାନ୍ତ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ରହି ଆଲୋଚାରେ ଭାଗ ନେଇଥିଲେ । ମଙ୍ଗଳପୁର ପଞ୍ଚାୟତ ନିର୍ବାହୀ ଅଧିକାରୀ ଅନୁରାଧା ନାହକ, ଜିଆରଏସ୍ ବିଜୟଲକ୍ଷ୍ମୀ ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଗ୍ରାମବାସୀ, ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା, ଅଙ୍ଗନୱାଡି, ଆଶା ଓ ୱାର୍ଡମେମ୍ବରମାନେ ଉପସ୍ଥିତ ଥିଲେ ।

# ଢେଙ୍କାନାଳରେ କାନାଡା ଦମ୍ପତି



କାନାଡା ଦମ୍ପତି ଡେନିସ୍ ଓ ଉଡି ମାକୁଏର।

- ସପ୍ତଶଯ୍ୟା ଓ ମହିମାଗାଦୀ ଯୋରନ୍ଦା ବିମୋହିତ କରିଛି
- ପର୍ଯ୍ୟଟନର ଭିତ୍ତିଭୂମି ଅଛି, ଆନ୍ତରିକତାର ଆବଶ୍ୟକତା ରହିଛି

ଢେଙ୍କାନାଳ,୨।୧୦(ରତନ ନାୟାର)

ଢେଙ୍କାନାଳକୁ ଗତ ଦେଢବର୍ଷ ମଧ୍ୟରେ ଦୁଇଥର ବୁଲିବାକୁ ଆସିଥିବା କାନାଡାର ଦମ୍ପତି ଡେନିସ୍ ଓ ଉଡି ମାକୁଏର ଓଡ଼ିଶାର ସବୁଜିମା ପରିବେଶ ଓ ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଭୂୟସୀ ପ୍ରଶଂସା କରିଛନ୍ତି। ସେ ଢେଙ୍କାନାଳକୁ ଆସି ସହର ଉପକଣ୍ଠରେ ଥିବା ବୋରାପଦାସ୍ଥିତ ଗଜଲକ୍ଷ୍ମୀ ପ୍ୟାଲେସରେ ଘନଜଙ୍ଗଲ ପାହାଡଭରା ସବୁଜିମା ପରିବେଶକୁ ଉପଭୋଗ କରିବା ସହିତ ହାତୀ ଏବଂ ଅନ୍ୟାନ୍ୟ ବନ୍ୟପ୍ରାଣୀଙ୍କୁ ଦେଖିବାର ସୁଯୋଗ ପାଇଥିଲେ । ଏଥିସହିତ ସେ ରାଜ୍ୟ ଏବଂ ଜିଲାର ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀ କପିଳାସ ଓ ବିଶ୍ୱ ପ୍ରସିଦ୍ଧ ମହିମାଧର୍ମର ପୀଠ ଯୋରନ୍ଦା, କପିଳାସ ଏବଂ କଟକ ଜିଲା ଟାଙ୍ଗି ମଧ୍ୟରେ ଥିବା ହରିପୁର ଅଞ୍ଚଳ ବୁଲି ଦେଖିଥିଲେ । ବୁଧବାର ଉଭୟ ଦମ୍ପତି କାନାଡ଼ା ଫେରିବା ପୂର୍ବରୁ ନିଜ ପ୍ରତିକ୍ରିୟାରେ କହିଛନ୍ତି ଯେ, ଭାରତ ବର୍ଷରେ ସେ ଓଡିଶାକୁ ପ୍ରକୃତିର ବରଦାନ ବୋଲି ମାନନ୍ତି । ଏଠାକାର ଘନ ଜଙ୍ଗଲ, ପାହାଡ଼ ଓ ସବୁଜିମା ପରିବେଶ ମନକୁ ଶାନ୍ତି ଦେବା ସହିତ ସ୍ୱାସ୍ଥ୍ୟକର ପାଇଁ ମଧ୍ୟ ହିତକର। ୭ଟି ପାହାଡ଼ ପରିଧି ମଧ୍ୟରେ ଥିବା ସବୁଜିମା ସପ୍ତଶଯ୍ୟା, କପିଳାସର ଜଙ୍ଗଲ ସଫାରୀ ଓ ବିଶ୍ୱ ପ୍ରସିଦ୍ଧ ମହିମା ଧର୍ମର ପୀଠ ମହିମାଗାଦୀ ଯୋରନ୍ଦା ସେମାନଙ୍କୁ ବିମୋହିତ କରିଛି ବୋଲି ଉଭୟେ କହିଛନ୍ତି। ଏତଦବ୍ୟତୀତ ହରିପୁର ଡ୍ୟାମ ଠାରେ ସୂର୍ଯ୍ୟଉଦୟ ଓ ସୂର୍ଯ୍ୟାସ୍ତର ଦୃଶ୍ୟ ମନ ଭିତରେ ସ୍ମୃତି ହୋଇ ରହିବ ବୋଲି ସେମାନେ କହିଛନ୍ତି। ଢେଙ୍କାନାଳ ସମେତ ଓଡିଶାର ବିଭିନ୍ନ ଅଞ୍ଚଳରେ ପର୍ଯ୍ୟଟନ ଶିଳ୍ପକୁ ବିକଶିତ କରିବା ପାଇଁ ବ୍ୟାପକ ଭିତ୍ତିଭୂମି ରହିଛି। ଏହାର ବିକାଶ ପାଇଁ ଆନ୍ତରିକତାର ଆବଶ୍ୟକତା ଜରୁରୀ ବୋଲି ଉଭୟ କହିଛନ୍ତି। ଢେଙ୍କାନାଳ ଗଜଲକ୍ଷ୍ମୀ ପ୍ୟାଲେସରୁ ସବୁଜିମା ପରିବେଶକୁ ଉପଭୋଗ ବେଶ ଆନନ୍ଦ ଦେଇଛି ବୋଲି ଉଭୟ କୁହନ୍ତି। ଢେଙ୍କାନାଳ ଆସିବା ପରେ ତାଙ୍କୁ ଗଜଲକ୍ଷ୍ମୀ ପ୍ୟାଲେସର ମୁଖ୍ୟ ଜିତେନ୍ଦ୍ର ପ୍ରତାପ ସିଂହଦେଓ ସ୍ୱାଗତ କରିଥିଲେ । ଉଭୟ ପୁଣି ଓଡିଶା ଏବଂ ଢେଙ୍କାନାଳକୁ ବୁଲିବାକୁ ଆସିବେ ବୋଲି କହିଥିଲେ ।

# ଗାନ୍ଧୀ ଅଧ୍ୟୟନ କେନ୍ଦ୍ରରେ ଗାନ୍ଧୀ ଜୟନ୍ତୀ




ଢେଙ୍କାନାଳ,୨।୧୦(ରତନ ନାୟାର)

ଢେଙ୍କାନାଳ ସହର ଆନନ୍ଦ ନଗରସ୍ଥିତ ଗାନ୍ଧୀ ଅଧ୍ୟୟନ କେନ୍ଦ୍ରରେ ବୁଧବାର ଗାନ୍ଧୀ ଜୟନ୍ତୀ ପାଳିତ ହୋଇଯାଇଛି । ଜିଲାର ବୁଦ୍ଧିଜୀବୀ ସଂଗଠନ, ଜିଲା ମିଳିତ ନିଶା ନିବାରଣ ସଂଘ ଓ ଉତ୍ପୁନା ସଂଗଠନର ମିଳିତ ଆୟୋଜନରେ ଅନୁଷ୍ଠିତ ଗାନ୍ଧୀ ଜୟନ୍ତୀ ଉତ୍ସବରେ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଆସି ଗ୍ଲେଜ୍ ସଂସ୍ଥା ଦ୍ୱାରା ତାଲିମ ନେଉଥିବା ସ୍କିଲ ଡେଭଲପମେଣ୍ଟର ୭୦ରୁ ଊର୍ଦ୍ଧ୍ୱ ଯୁବତୀ ଯୁବକ ଯୋଗ ଦେଇଥିଲେ। ଉତ୍ସବରେ ଗାନ୍ଧୀ ଅଧ୍ୟୟନ କେନ୍ଦ୍ରର ସଭାପତି ଶିକ୍ଷାବିତ ଭବାନୀ ଶଙ୍କର ମିଶ୍ର କାର୍ଯ୍ୟକ୍ରମରେ ସଭାପତିତ୍ୱ କରି କହିଲେ ଯେ, ଏହି ଦିବସ ଜାତୀୟ କୁଷ୍ଠ ନିରାକରଣ ଦିବସ, ଅସ୍ପୃଶ୍ୟତା ନିବାରଣ ଦିବସ ଭାବରେ ଅବିହିତ ହୋଇଛି। ବିଶିଷ୍ଟ ଗାନ୍ଧୀବାଦୀ ଅନ୍ତର୍ଯ୍ୟାମୀ ରଥ, ବୈଷ୍ଣବ ଜନତୋ...କବିତା ଅର୍ଥର ସମୀକ୍ଷା କରିଥିଲେ । ପୂର୍ବତନ ବିଚାରପତି ଭିକାରୀ ଚରଣ ରାଉତ, ଗାନ୍ଧୀଜୀଙ୍କ ଜୀବନୀର ବିଭିନ୍ନ ଦିଗ ଉପରେ ଆଲୋକପାତ କରିବା ସହିତ ଯୋଗଜନ୍ମା ମହାପୁରୁଷମାନଙ୍କ ଜୀବନୀରୁ ଶିକ୍ଷାଲାଭ କରି ନିଜର ଭବିଷ୍ୟତ ଜୀବନକୁ ଗଢିବାକୁ ଆହ୍ୱାନ ଦେଇଥିଲେ । ଉତ୍ପୁନାର ରାଜ୍ୟ ସଭାପତି ମନୋରଞ୍ଜନ ପଟ୍ଟନାୟକ, ଆଜିର ଦିବସକୁ ଅନ୍ତର୍ଜାତୀୟ ଅହିଂସା ଦିବସ ଭାବରେ ୨୦୦୭ ମସିହାରୁ ଜାତିସଂଘ ପକ୍ଷରୁ ପାଳିତ ହୋଇ ଆସୁଛି ବୋଲି କହିଥିଲେ । ଡା. ତୁଷାରକାନ୍ତି ନାୟକ, ପ୍ରତ୍ୟେକ ନାଗରିକମାନଙ୍କର ସମାନ ଅଧିକାର, ନ୍ୟାୟ ପ୍ରଦାନ ଓ ଅହିଂସା ମାର୍ଗରେ ପରିଚାଳିତ ହେବା ପାଇଁ ମତବ୍ୟକ୍ତ କରିଥିଲେ । କେନ୍ଦ୍ରର କାର୍ଯ୍ୟକାରୀ ସଭାପତି ସରୋଜ ଶତପଥୀ, ଭାରତର ସମ୍ବିଧାନରେ ଗାନ୍ଧୀଜୀଙ୍କ କଳ୍ପିତ ରାମ ରାଜ୍ୟର ମୂଳତତ୍ତ୍ୱ ସ୍ଥାନ ପାଇଛି ବୋଲି କହିଥିଲେ । ନିଶା ନିବାରଣ ସଂଘର ସଭାପତି ସ୍ମିତାରାଣୀ ସାମଲ, ସମାଜରେ ନିଶା ଦ୍ରବ୍ୟର ବ୍ୟବହାର ଭୟାବହତା ସମ୍ପର୍କରେ ଆଲୋଚନା କରିଥିଲେ। ରୁମେନା ବେଗମ ଧନ୍ୟବାଦ ପ୍ରଦାନ କରିଥିଲେ । ଏହାପରେ ନିଶା ନିବାରଣ ନିମନ୍ତେ ଏକ ମାନବ ଶୃଙ୍ଖଳ ପ୍ରଦର୍ଶିତ ହୋଇଥିଲା ।

### ୨୪ ଘଣ୍ଟିଆ ରକ୍ତ ପରୀକ୍ଷା ଓ ଏମ୍‌ଆର୍‌ଆଇ ବ୍ୟବସ୍ଥା ଦାବି

ଢେଙ୍କାନାଳ,୨।୧୦(ରତନ ନାୟାର)

ଢେଙ୍କାନାଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ୨୪ ଘଣ୍ଟିଆ ରକ୍ତ ପରୀକ୍ଷା ଓ ଏମ୍‌ଆରଆଇ ବ୍ୟବସ୍ଥା କରିବା ପାଇଁ ବୁଧବାର ଉତ୍ପୁନା ଅନୁଷ୍ଠାନ ପକ୍ଷରୁ ଦାବି ହୋଇଛି । ଗାନ୍ଧୀ ଜୟନ୍ତୀ ପାଳନ ଅବସରରେ ଅନୁଷ୍ଠାନସ୍ଥିତ ରଥଗଡାସ୍ଥିତ କାର୍ଯ୍ୟାଳୟରେ ଅନୁଷ୍ଠାନର ସର୍ବଭାରତୀୟ ଉପସଭାପତି ଆଇନଜୀବୀ ମନୋରଞ୍ଜନ ପଟ୍ଟନାୟକ, ଅବସରପ୍ରାପ୍ତ ବିଚାରପତି ଭିକାରୀ ଚରଣ ରାଉତ, ପରିବେଶବିତ୍ ଉପେନ୍ଦ୍ର ରାଉତ ଓ ପ୍ରମୋଦ ନାୟକ ପ୍ରମୁଖ ଯୋଗଦେଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ସ୍ୱାସ୍ଥ୍ୟସେବା ସମସ୍ୟାକୁ ନେଇ ଚିନ୍ତାପ୍ରକଟ କରାଯାଇଥିଲା । ଜିଲା ମୁଖ୍ୟ ଚିକିତ୍ସାଳୟରେ ସିଟିସ୍କାନ କାର୍ଯ୍ୟକ୍ଷମ ହୋଇଥିବାରୁ ରାଜ୍ୟ ସରକାରଙ୍କର ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ଅନୁଷ୍ଠାନର ସାଧାରଣ ସମ୍ପାଦକ କବି ବାହାଦୁର ପାଟସାହାଣୀ ପରିଚାଳନା କରିଥିଲେ ।

### ବିଚାରପତି, ଆଇନଜୀବୀଙ୍କ ସଫେଇ କାର୍ଯ୍ୟକ୍ରମ

ପରଜଙ୍ଗ, ୨।୧୦ (ନିଗମାନନ୍ଦ ଦଳବେହେରା)

ପରଜଙ୍ଗ ବିଚାର ବିଭାଗୀୟ କୋର୍ଟ ପରିସର ଓ ତହସିଲ କାର୍ଯ୍ୟାଳୟ ପରିସରକୁ ବୁଧବାର ଗାନ୍ଧୀ ଜୟନ୍ତୀ ଅବସରରେ ପରଜଙ୍ଗ ନ୍ୟାୟାଳୟର ବିଚାରପତି ତ୍ରିଦିପ କୁମାର ନନ୍ଦଙ୍କ ଅଧ୍ୟକ୍ଷତାରେ ବାର ପରଜଙ୍ଗ ଆସୋସିଏଶନର ସଦସ୍ୟମାନେ ମିଳିତ ଭାବେ କାର୍ଯ୍ୟାଳୟ ପରିସରକୁ ସଫା କରିଛନ୍ତି। ବାର ଆସୋସିଏଶନର ସଭାପତି ପ୍ରଦୀପ କୁମାର ସାହୁ, ଅରବିନ୍ଦ ସାହୁ, ବେଣୁଧର ସାହୁ ଓ ଅନ୍ୟ ବରିଷ୍ଠ ଆଇନଜୀବୀମାନେ ନ୍ୟାୟାଳୟକୁ ସଫେଇ କରିଥିଲେ।

# ସ୍ୱଚ୍ଛତା ଦିବସ ପାଳନ ଅବସରରେ ପଥୋତ୍ସବ

ଢେଙ୍କାନାଳ,୨।୧୦(ରତନ ନାୟାର)



ସ୍ୱଚ୍ଛତା ଦିବସ ପାଳନ କାର୍ଯ୍ୟକ୍ରମରେ ଅତିଥିବୃନ୍ଦ।

ଢେଙ୍କାନାଳ ପୌରସଂସ୍ଥା ପକ୍ଷରୁ ସହରସ୍ଥିତ ମହାତ୍ମାଗାନ୍ଧୀ ରୋଡରେ ବୁଧବାର ସକାଳେ ସ୍ୱଚ୍ଛତା ଦିବସ ପାଳନ ଉପଲକ୍ଷେ ପଥୋତ୍ସବ ଓ ଦାନସୋବ ଅନୁଷ୍ଠିତ ହୋଇଥିଲା । ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଲେ ଯେ, ନିଜେ ନିଜକୁ ଏବଂ ନିଜ ଅଞ୍ଚଳକୁ ସ୍ୱଚ୍ଛ ରଖି ଅନ୍ୟମାନଙ୍କୁ ସଚେତନ କରାଇବା ଜରୁରୀ । ଢେଙ୍କାନାଳ ସହର ସ୍ୱଚ୍ଛ ହେଲେ ଏବଂ ସ୍ୱଚ୍ଛତା ବଜାୟ ରହିଲେ, ବାହାରୁ ଆସୁଥିବା ପର୍ଯ୍ୟଟକ, ଅତିଥି ଏବଂ ବ୍ୟକ୍ତି ବିଶେଷ ଢେଙ୍କାନାଳକୁ ପ୍ରଶଂସା କରିବେ। ଏଥିପାଇଁ ସେ ସମସ୍ତଙ୍କର ସହଯୋଗ କାମନା କରିଥିଲେ। ସମ୍ମାନିତ ଅତିଥି ଭାବେ ଢେଙ୍କାନାଳ ଏମ୍‌ପି ରୁଦ୍ର ନାରାୟଣ ପାଣି ଯୋଗଦେଇ ସ୍ୱଚ୍ଛ ଭାରତ ଏବଂ ସ୍ୱଚ୍ଛ ଢେଙ୍କାନାଳ ଗଢି ତୋଳିବା ପାଇଁ ସମସ୍ତଙ୍କ ସହଯୋଗ ଜରୁରୀ ବୋଲି ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜିଲାପାଳ ସୋମେଶ କୁମାର ଉପାଧ୍ୟାୟ ଯୋଗଦେଇ ଢେଙ୍କାନାଳକୁ ସ୍ୱଚ୍ଛ ରଖି ସମସ୍ତଙ୍କ ପାଇଁ ଆଦର୍ଶ ସାଜିବା ନିମନ୍ତେ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଉତ୍ସବରେ ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର ଓ ଉପାଧ୍ୟକ୍ଷ ପ୍ରକାଶଚନ୍ଦ୍ର କୁଅଁର ଉପସ୍ଥିତ ଥିଲେ। ପୌର ନିର୍ବାହୀ ଅଧିକାରୀ ସୁକାନ୍ତ କୁମାର ବେଉରା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଏହି ଅବସରରେ ପ୍ରଧାନମନ୍ତ୍ରୀ ସ୍ୱନିଧି ଯୋଜନାର ହିତାଧିକାରୀମାନଙ୍କୁ ସମ୍ବର୍ଦ୍ଧିତ କରାଯିବା ସହିତ ସ୍ୱଚ୍ଛତା କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ବିଭିନ୍ନ ବ୍ୟକ୍ତି ବିଶେଷ ଓ ଅନୁଷ୍ଠାନକୁ ପୁରସ୍କୃତ କରାଯାଇଥିଲା। ସରକାରୀ କାର୍ଯ୍ୟାଳୟ ମଧ୍ୟରେ ସ୍ୱଚ୍ଛତା ବଜାୟ ରଖିବାରେ ସଦର ମହକୁମାରେ ଅବସ୍ଥିତ ପୂର୍ତ୍ତବିଭାଗ କାର୍ଯ୍ୟାଳୟକୁ ପୁରସ୍କୃତ କରାଯାଇଥିଲା । ପରେ ବସଷ୍ଟାଣ୍ଡ, କଲେଜ ବାଇପାସ ଓ ମହିଷାପାଟଠାରେ ପ୍ରସ୍ତାବିତ ସ୍ମାର୍ଟ ପାର୍କ ଓ ଆକାଂକ୍ଷା ଶୌଚାଳୟର ଭିତ୍ତିପ୍ରସ୍ତର କରାଯାଇଥିଲା। ସେହିପରି ମହିଷାପାଠଠାରେ ନୂତନ ସ୍ୱାସ୍ଥ୍ୟକେନ୍ଦ୍ରକୁ ଲୋକାର୍ପିତ କରାଯାଇଛି ।

# ନିଃଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର



ନିଃଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା ଶିବିରରେ ଡାକ୍ତରୀ ଦଳ।

ଢେଙ୍କାନାଳ,୨।୧୦(ରତନ ନାୟାର)

ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ଗଡଖଙ୍କିରା ଗ୍ରାମରେ ପ୍ରତିଷ୍ଠିତ ମା' ତାରିଣୀଙ୍କ ଜନ୍ମ ବାର୍ଷିକ ଉତ୍ସବ ଅବସରରେ ବୁଧବାର ମନ୍ଦିର ପରିସରରେ ନିର୍ମଳା ଟ୍ରଷ୍ଟ ଓ ସ୍ୱର୍ଣ୍ଣ ହସପିଟାଲ ଭୁବନେଶ୍ୱର ସହଯୋଗରେ ମା' ତାରିଣୀ ଟ୍ରଷ୍ଟ ପକ୍ଷରୁ ଏକ ନିଃଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଭେଷଜ, ଶିଶୁ, ସ୍ତ୍ରୀ ଓ ପ୍ରସୂତୀ, ଦନ୍ତ ଓ ଚକ୍ଷୁ ବିଭାଗର ବରିଷ୍ଠ ଡାକ୍ତର ଓ ବିଶେଷଜ୍ଞମାନେ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହିତ ଔଷଧ ବଣ୍ଟନ କରିଥିଲେ । ଏହି ଶିବିରରେ ଗଡ ଖଙ୍କିରା ଓ ଏହାର ନିକଟବର୍ତ୍ତି ଗ୍ରାମାଞ୍ଚଳରୁ ପ୍ରାୟ ୭୦୦ରୁ ଊର୍ଦ୍ଧ୍ୱ ଲୋକ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ । ଏହି ଅବସରରେ ଗ୍ରାମାଞ୍ଚଳର ସାଧାରଣ ଲୋକମାନଙ୍କୁ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ କାରଣ ଓ ଏହାର ଲକ୍ଷଣ ସମ୍ପର୍କରେ ସଚେତନ କରାଯାଇଥିଲା। ମା' ତାରିଣୀ ଟ୍ରଷ୍ଟ ପକ୍ଷରୁ ଡାକ୍ତର ପ୍ରିୟବ୍ରତ ଧୀର ଏଭଳି ସ୍ୱାସ୍ଥ୍ୟ ଶିବିର ଜିଲାର ପ୍ରତି ଗ୍ରାମାଞ୍ଚଳରେ ଆୟୋଜନ କରିବା ପାଇଁ ସୂଚନା ଦେଇଥିଲେ ।

# ଅହିଂସା ଦ୍ୱାରା ଜୀବଜଗତକୁ ରକ୍ଷା କରାଯାଇପାରିବ





## ବାପୁ ମନ୍ଦିର ପକ୍ଷରୁ ଗାନ୍ଧୀ ଜୟନ୍ତୀ ଉତ୍ସବ

କାମାକ୍ଷାନଗର, ୨।୧୦(ସୁଧୀର କୁମାର ପରିଡା)

ଢେଙ୍କାନାଳ ଜିଲା କାମାକ୍ଷାନଗର ଏନଏସି ବାପୁ ମନ୍ଦିର ନ୍ୟାସ ଓ ପୂଜ୍ୟପୂଜା ସଂଗଠନ ପକ୍ଷରୁ ବୁଧବାର ସ୍ଥାନୀୟ ସାରୁଆଳି ଗ୍ରାମର ପାଣିଚାପଲ ସାହିଠାରେ ବାପୁ ମନ୍ଦିରର ପ୍ରତିଷ୍ଠାତା ତଥା ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଗାନ୍ଧିଜୀଙ୍କ ୧୫୫ତମ ଜୟନ୍ତୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥି ନିମନ୍ତେ ପ୍ରତ୍ୟୁଷରେ ପ୍ରଭାତ ଫେରି ଓ ପୂର୍ବାହ୍ନରେ କାମାକ୍ଷାନଗର ସ୍ଥିତ ବାପୁ ମନ୍ଦିରରେ ଗାନ୍ଧିଜୀଙ୍କୁ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ନାମ ସଂକୀର୍ତ୍ତନ ସହ ଗ୍ରାମରେ ଏକ ବିରାଟ ଶୋଭଯାତ୍ରାରେ ବହୁ ସଂଖ୍ୟାରେ ଅଞ୍ଚଳବାସୀ ସାମିଲ ହୋଇଥିଲେ। ବାପୁମନ୍ଦିର ସଭାପତି ଅବସରପ୍ରାପ୍ତ ଅଧ୍ୟକ୍ଷ ପ୍ରଫେସର ଅରବିନ୍ଦ କାନ୍ତରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅବସରପ୍ରାପ୍ତ ଜିଲା ବିଚାରପତି ରତିକାନ୍ତ ମହାପାତ୍ର ମୁଖ୍ୟଅତିଥି, ବିଶିଷ୍ଟ ଯୁବ ଗାନ୍ଧିବାଦୀ ତଥା ସମାଜସେବୀ ଜ୍ଞାନରଞ୍ଜନ ସାମନ୍ତରାୟ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। କାମାକ୍ଷାନଗର ଏନଏସିର ନଗରପାଳ ଧର୍ମାନନ୍ଦ ପରିଡ଼ା, ବ୍ଲକ ଅଧ୍ୟକ୍ଷ ପ୍ରେମାନନ୍ଦ ସାହୁ, ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ। ସମ୍ପାଦକ ଶିକ୍ଷାବିତ ମାୟାଧର ପାଣି ବିବରଣୀ ପ୍ରଦାନ କରିଥିବା ବେଳେ ସହ ସମ୍ପାଦକ ନିରଞ୍ଜନ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ ଓ ଆଜୀବନ ସଦସ୍ୟ ତଥା କୋଷାଧ୍ୟକ୍ଷ ଶ୍ରୀରାମ ରାଉତ ଧନ୍ୟବାଦ ପ୍ରଦାନ କରିଥିଲେ। ଅହିଂସା ଏକମାତ୍ର ଅସ୍ତ୍ର, ଯାହାଦ୍ୱାରା ସାରା ଜୀବଜଗତକୁ ରକ୍ଷା କରିହେବ। ଧର୍ମର ମୂଳମନ୍ତ୍ର ସତ୍ୟ ଓ ଅହିଂସା ବୋଲି ମୁଖ୍ୟବକ୍ତା ତାଙ୍କର ଅଭିଭାଷଣରେ କହିଥିଲେ। ମୁଖ୍ୟ ଅତିଥି ଗାନ୍ଧି ବାର୍ତ୍ତା ଓ ବିଚାର ଉପରେ ଗୁରୁତ୍ୱ ଦେଇ କହିଲେ ଯେ ଗାନ୍ଧି ବିଚାରକୁ ପ୍ରତ୍ୟେକ ଛାତ୍ରୀଛାତ୍ରଙ୍କ ନିକଟରେ ପହଞ୍ଚାଯାଇ ପାରିଲେ ଆଜିର ପିଲା ଆସନ୍ତା କାଲିର ସୁନାଗରିକ ହୋଇପାରିବେ। ଆଜୀବନ ସଦସ୍ୟ ଉପେନ୍ଦ୍ର ନାଥ ପଣ୍ଡା, ବାସୁଦେବ ସାହୁ, ମଧୁସୁଦନ ସେଣ୍ଠ, ବାଳକୃଷ୍ଣ ନାୟକ, ପ୍ରଭାସ ରଞ୍ଜନ ମିଶ୍ର, ପ୍ରକାଶ ଚନ୍ଦ୍ର ପଣ୍ଡା, ଶ୍ୟାମଘନ ସାହୁଙ୍କ ସମେତ ଗ୍ରାମବାସୀ ସହଯୋଗ କରିଥିଲେ।

# ଗାନ୍ଧିଜୀଙ୍କ ଅହିଂସା, ସାମ୍ପ୍ରଦାୟିକ ସଦ୍‌ଭାବ ନୀତି ଅନୁସରଣ ପାଇଁ ଆହ୍ୱାନ





ଗାନ୍ଧୀଙ୍କର ପୂର୍ଣ୍ଣାୟବ ପ୍ରତିମୂର୍ତ୍ତିକୁ ମନ୍ତ୍ରୀ ଉନ୍ମୋଚନ କରୁଛନ୍ତି। ନିକଟରେ ଏମ୍‌ପି ରୁଦ୍ର ନାରାୟଣ ପାଣି, ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର, ଉପାଧ୍ୟକ୍ଷ ପ୍ରକାଶଚନ୍ଦ୍ର କୁଅଁର ଓ ଜିଲାପାଳ ସୋମେଶ କୁମାର ଉପାଧ୍ୟାୟ ଉପସ୍ଥିତ।

ଢେଙ୍କାନାଳ,୨।୧୦(ରତନ ନାୟାର)

ଢେଙ୍କାନାଳ ଜିଲା ସଦର ମହକୁମାରେ ବୁଧବାର ଜାତିର ପିତା ମହାତ୍ମା ଗାନ୍ଧୀ ଓ ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତ ରତ୍ନ ଲାଲବାହାଦୁର ଶାସ୍ତ୍ରୀଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ବସଷ୍ଟାଣ୍ଡସ୍ଥିତ ଗାନ୍ଧୀ ପାର୍କଠାରେ ସକାଳ ୮ଟାରେ ରାଜ୍ୟ ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ଏମ୍‌ପି ରୁଦ୍ର ନାରାୟଣ ପାଣି, ଜିଲାପାଳ ସୋମେଶ କୁମାର ଉପାଧ୍ୟାୟ, ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର, ଉପାଧ୍ୟକ୍ଷ ପ୍ରକାଶଚନ୍ଦ୍ର କୁଅଁର ପ୍ରମୁଖ ଗାନ୍ଧୀଜୀ ଓ ଶାସ୍ତ୍ରୀଜୀଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏହାପରେ ପୌରସଂସ୍ଥା ପକ୍ଷରୁ ବସଷ୍ଟାଣ୍ଡ ଗାନ୍ଧୀପାର୍କଠାରେ ସ୍ଥାପିତ ମହାତ୍ମା ଗାନ୍ଧୀଙ୍କ ପୂର୍ଣ୍ଣ ଅବୟବ ମୂର୍ତ୍ତିକୁ ଉନ୍ମୋଚନ କରି ମନ୍ତ୍ରୀ ପାତ୍ର ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ଅହିଂସା ଓ ସାଂପ୍ରଦାୟିକ ସଦଭାବ ନୀତି ଓ ମାର୍ଗ ଅନୁସରଣ କରି ଦେଶ ଗଠନ ପାଇଁ ଆଗେଇ ଆସିବାକୁ ଆହ୍ୱାନ ଦେଇଥିଲେ । ଏହାପରେ ଗାନ୍ଧୀପାର୍କ ଠାରେ ସର୍ବଧର୍ମ ପ୍ରାର୍ଥନା ସଭା ଅନୁଷ୍ଠିତ ହୋଇଥିଲା । ଡ. ଅନୁପମା ମିଶ୍ର ଗୀତାପାଠ କରିଥିବା ବେଳେ ଜନାବ ନଜରୁଲ ଇସଲାମ କୋରାନ ଓ ଆଶିଷ ଗାଷ୍ଟା ବାଇବେଲ ପାଠ କରିଥିଲେ । ଏହି ଉପଲକ୍ଷେ ହାଇସ୍କୁଲ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ହୋଇଥିବା ଓଡିଆ ବକ୍ତୃତାର କୃତୀ ପ୍ରତିଯୋଗୀ ବ୍ରଜନାଥ ବଡଜେନା ଉଚ୍ଚ ବିଦ୍ୟାଳୟର ସାଗରିକା ସ୍ୱାଇଁ, ବେଢାପାଳ ପଞ୍ଚାୟତ ହାଇସ୍କୁଲର ପ୍ରୀତି ପ୍ରିୟଦର୍ଶିନୀ ଦାସ ଓ ଲକ୍ଷ୍ମୀଧର ମ୍ୟୁନିସିପାଲ ହାଇସ୍କୁଲର ଶୁଭଲକ୍ଷ୍ମୀ ମିଶ୍ରଙ୍କୁ ପୁରସ୍କୃତ କରାଯାଇଥିଲା । ପ୍ରତ୍ୟୁଷରୁ ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଡାକବାଜୀ ଯନ୍ତ୍ର ଦ୍ୱାରା ରାମଧୂନ ପରିବେଷଣ କରାଯାଇଥିଲା । ଏହାପରେ ପୂର୍ତ୍ତବିଭାଗ ଡାକ ବଙ୍ଗଳା ସମ୍ମୁଖରେ ଶାନ୍ତିଦୂତ ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲ ବାହାଦୁର ଶାସ୍ତ୍ରୀଙ୍କର ପୂର୍ଣ୍ଣାୟବ ମୂର୍ତ୍ତିକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ପୌର ନିର୍ବାହୀ ଅଧିକାରୀ ସୁକାନ୍ତ ବେହେରା କାର୍ଯ୍ୟକ୍ରମ ଗୁଡ଼ିକୁ ପରିଚାଳନା କରିଥିଲେ ।

# ଗାନ୍ଧିଜୀଙ୍କ ଅହିଂସା ନୀତି ଉପରେ ଆଲୋକପାତ

## ଜିଲାସ୍ତରୀୟ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପାଳିତ

ଅନୁଗୋଳ,୨।୧୦
(ଜ୍ୟୋତିରଞ୍ଜନ ସାହୁ)

ଜାତିର ଜନକ ମହାତ୍ମା ଗାନ୍ଧୀ ଓ ଶାନ୍ତିଦୂତ ଲାଲବାହାଦୁର ଶାସ୍ତ୍ରୀଙ୍କ ଜୟନ୍ତୀ ଅନୁଗୋଳ ଗାନ୍ଧୀ ପାର୍କଠାରେ ବୁଧବାର ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ହେମନ୍ତ କୁମାର ସିଂହ, ଅତିରିକ୍ତ ଜିଲାପାଳ ପ୍ରତାପ ପ୍ରୀତିମୟ, ଜିଲାସ୍ତରୀୟ ଅଧିକାରୀ, ବୁଦ୍ଧିଜୀବୀ ଓ ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ଯୋଗଦେଇ ଫଟୋଚିତ୍ରରେ ପୁଷ୍ପମାଲ୍ୟ ପ୍ରଦାନ କରିଥିଲେ। ଶିକ୍ଷାବିତ୍ ଡ. ଧରଣୀଧର ନାଥ ମୁଖ୍ୟବକ୍ତା ଭାବେ ଯୋଗଦେଇ ମହାତ୍ମା ଗାନ୍ଧୀଙ୍କ ଅହିଂସା ନୀତି ଓ ଆଦର୍ଶର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଗାନ୍ଧିଜୀଙ୍କ ଜୀବନର ବିଭିନ୍ନ ସଂଗ୍ରାମ ଓ ସଫଳତା ସମ୍ପର୍କରେ କହିଥିଲେ। ଆୟୋଜିତ ସର୍ବଧର୍ମ ପ୍ରାର୍ଥନା ସଭାରେ ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. କୁଳମଣି ନାୟକ ଓ ବାଜି ରାଉତ ଛାତ୍ରାବାସର ଛାତ୍ରୀମାନେ ଗୀତା ପାଠ କରିଥିବାବେଳେ ରେଭରେଣ୍ଡ ଯୋଶୀୟ କାଉରୀ ବାଇବେଲ ପାଠ କରିଥିଲେ। ମୌଲାନା ମହମ୍ମଦ ଲିୟାକତ କୋରାନ ପାଠ କରିଥିଲେ। ଏହି ଅବସରରେ ବିଦ୍ୟାଳୟସ୍ତରରେ ଆୟୋଜିତ ହୋଇଥିବା ବକ୍ତୃତା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ତରଫରୁ ସହରରେ ରାମଧୁନ ରେକର୍ଡ ବଜାଯାଇ ସହର ପରିକ୍ରମା କରାଯାଇଥିଲା। ଛାତ୍ରୀଛାତ୍ରମାନେ ପ୍ରଭାତ ଫେରୀ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ, ସ୍ୱେଚ୍ଛାସେବୀ, ବୁଦ୍ଧିଜୀବୀ, ଗାନ୍ଧୀପ୍ରେମୀ ଓ ବିଶିଷ୍ଟ ବ୍ୟକ୍ତିମାନେ ଯୋଗ ଦେଇଥିଲେ। ଅପରାହ୍ନରେ ଗାନ୍ଧୀଙ୍କ ବିଚାର ଓ ଦର୍ଶନକୁ ନେଇ ଜିଲା ପାଠାଗାର ଠାରେ ଆୟୋଜିତ ଆଲୋଚନାଚକ୍ର ଓ କବିତା ପାଠୋତ୍ସବରେ ମୁଖ୍ୟ ଅତିଥି ଭାବେ ଡ.ଧରଣୀଧର ନାଥ, ମୁଖ୍ୟ ବକ୍ତା ଭାବେ ପ୍ରଫେସର କୁମୁଦ ଚନ୍ଦ୍ର ଦାସ, ସମ୍ମାନିତ ବକ୍ତା ଭାବେ ରାଧାକାନ୍ତ ମହାନ୍ତି ଓ ସଂଯୋଜିକା ଡ. ଇନ୍ଦିରା ଦାସ ଯୋଗଦେଇ ଗାନ୍ଧୀଙ୍କ ଜୀବନୀ, ଅହିଂସା ନୀତି ଓ ଆଦର୍ଶ ସମ୍ପର୍କରେ ଆଲୋଚନା କରିଥିଲେ।



ଅନୁଗୋଳ ଗାନ୍ଧୀ ପାର୍କଠାରେ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପାଳନ କରାଯାଉଛି।

# ଗାନ୍ଧୀ ଓ ଶାସ୍ତ୍ରିଜୀଙ୍କ ଆଦର୍ଶ ହିଁ ସଫଳତାର ସୂତ୍ର




ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତି ନିକଟରେ ମହାବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ସହ ଛାତ୍ରୀଛାତ୍ରମାନେ।

ଅନୁଗୋଳ,୨।୧୦ (ଜ୍ୟୋତିରଞ୍ଜନ ସାହୁ)

ଅନୁଗୋଳ ସ୍ୱୟଂଶାସିତ ମହାବିଦ୍ୟାଳୟରେ ବୁଧବାର ମହାତ୍ମା ଗାନ୍ଧୀ ଓ ଶାସ୍ତ୍ରିଜୀଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଅଧ୍ୟକ୍ଷ ଡ. ନୀଳାଞ୍ଚଳ ପଟେଲଙ୍କ ପରିଚାଳନାରେ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ଜାତିର ଜନକ ମହାତ୍ମା ଗାନ୍ଧୀ ଓ ଶାନ୍ତିଦୂତ ଲାଲ ବାହାଦୁର ଶାସ୍ତ୍ରୀଙ୍କ ଆଦର୍ଶ ହିଁ ସଫଳତାର ସୂତ୍ର ବୋଲି ମତବ୍ୟକ୍ତ କରିଥିଲେ। ସରକାରୀ କନିଷ୍ଠ ମହାବିଦ୍ୟାଳୟର ଏନ୍ଏସ୍ଏସ୍ ସ୍ୱେଚ୍ଛାସେବୀମାନେ ସମୀର ନାୟକ ଓ ହରି ଶଙ୍କର ଦାଶଙ୍କ ନେତୃତ୍ୱରେ ମହାବିଦ୍ୟାଳୟ ପରିସରସ୍ଥ ପ୍ରତିମୂର୍ତ୍ତି ସଫେଇ କରି ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ପରେ ଅନୁଷ୍ଠିତ ସ୍ୱଚ୍ଛତା ସଭାରେ ପ୍ରତ୍ୟେକ ଏନ୍ଏସ୍ଏସ୍ ସ୍ୱେଚ୍ଛାସେବୀଙ୍କୁ ସ୍ୱଚ୍ଛତା ଟୋପି, ଖାତା, କଲମ, ପ୍ରମାଣପତ୍ର ଦିଆଯାଇଥିଲା। ଏହି ସଭାରେ ଅନୁଗୋଳ ବିଧାୟକ ପ୍ରଧାନ ଯୋଗଦେଇ ମହାବିଦ୍ୟାଳୟ ପରିସରସ୍ଥ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିର ନବୀକରଣ ପାଇଁ ଅନୁଦାନ ଘୋଷଣା କରିଥିଲେ। ପରେ ମହାବିଦ୍ୟାଳୟ ପରିସର ନିକଟରେ ଅନୁଷ୍ଠିତ ରକ୍ତଦାନ ଶିବିରରେ ରକ୍ତଦାତାମାନଙ୍କୁ ଟି–ଶାର୍ଟ ପ୍ରଦାନ ସହ ନୂତନ ଫଟୋ ଗ୍ୟାଲେରି ଉଦ୍‌ଘାଟନ କରିଥିଲେ। ମା'ଙ୍କ ନାମରେ ବୃକ୍ଷଟିଏ କାର୍ଯ୍ୟକ୍ରମରେ ଚାରାରୋପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ମନୋରଞ୍ଜନ ମିଶ୍ର, ପ୍ରଫୁଲ୍ଲ ଚନ୍ଦ୍ର ରାଉତ, ଅଭୟ ମଲ୍ଲିକ, ନାରାୟଣ ନାୟକ, ଲକ୍ଷ୍ମୀଧର ବିଶ୍ୱାଳ, ସୁଶାନ୍ତ ପ୍ରଧାନ, ଅଧ୍ୟାପିକା ସୁଜ୍ଞାନୀ ରଥ, ପବିତ୍ର ମୋହନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଏନ୍ଏସ୍ଏସ୍ ଅଧ୍ୟାପକ ସୂର୍ଯ୍ୟକାନ୍ତ ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ସ୍ୱଚ୍ଛତାର ବାର୍ତ୍ତା ଦେଲେ ପୂର୍ବତନ ସୈନିକ ସଂଘ




ସ୍ୱଚ୍ଛତା କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ସଂଘ କର୍ମକର୍ତ୍ତା ଓ ଅନ୍ୟମାନେ।

ଅନୁଗୋଳ, ୨।୧୦(ମାନସ ବିଶ୍ୱାଳ)

ଅନୁଗୋଳ ସହରସ୍ଥିତ ବାସନ୍ତୀ ଦୁର୍ଗା ମଣ୍ଡପ ପରିସରକୁ ପରିଷ୍କାର କରି ସ୍ୱଚ୍ଛତାର ବାର୍ତ୍ତା ଦେଇଛନ୍ତି ଅନୁଗୋଳ ପୂର୍ବତନ ସୈନିକ ସଂଘ। ସଂଘ ପକ୍ଷରୁ ବୁଧବାର ଗାନ୍ଧୀ ଜୟନ୍ତୀ ପାଳନ କରାଯାଇଛି। ଏହି ଅବସରରେ ସଂଘ ସଭାପତି ଅନିଲ କୁମାର ମହାନ୍ତିଙ୍କ ନେତୃତ୍ୱରେ ସମସ୍ତ ସଦସ୍ୟ ବାସନ୍ତୀ ଦୁର୍ଗା ମଣ୍ଡପ ପରିସର ସଫେଇ କରିଥିଲେ। ଆଗାମୀ ଦିନରେ ଏପରି କାର୍ଯ୍ୟକ୍ରମ ଜାରି ରହିବ ବୋଲି ସମ୍ପାଦକ ନାରାୟଣ ସାହୁ କହିଥିଲେ। ଉପସଭାପତି ରଞ୍ଜିତ ଜେନା ସମାଜର ବିକାଶରେ ସର୍ବଦା ସହଯୋଗ ରହିବ ବୋଲି ମତ ରଖିଥିଲେ। କାର୍ଯ୍ୟକ୍ରମରେ ମା' ବାସନ୍ତୀ ଦୁର୍ଗାପୂଜା କମିଟି ସଭାପତି ଶକ୍ତି ପ୍ରସାଦ ପଟ୍ଟନାୟକ, ପ୍ରଦୀପ ଦେବତା, ଅବସରପ୍ରାପ୍ତ କ୍ୟାପଟେନ ଶୁଭେନ୍ଦ୍ର ନାରାୟଣ ମହାନ୍ତି, ପୂର୍ବତନ ସୈନିକ କିଶୋର ଚନ୍ଦ୍ର ସାହୁ, ସୁଶାନ୍ତି ପ୍ରଧାନ, ଜୟକୃଷ୍ଣ ନାଥ, ବିଜୟ ପତି, ଅଶୋକ କୁମାର ପ୍ରଧାନଙ୍କ ସହିତ ବୟୋଜ୍ୟେଷ୍ଠ ପୂର୍ବତନ ସୈନିକ, ଜେଏନ୍‌ଭି ଅନୁଗୋଳ ଆଲୁମନି ଆସୋସିଏଶନ ସଦସ୍ୟମାନେ ସାମିଲ ହୋଇଥିଲେ।

# ଗାନ୍ଧୀ, ଶାସ୍ତ୍ରିଜୀଙ୍କ ଜୟନ୍ତୀ ପାଳିତ

ଅନୁଗୋଳ, ୨।୧୦ (ମାନସ ବିଶ୍ୱାଳ)

ଗାନ୍ଧି ଶାନ୍ତି ପ୍ରତିଷ୍ଠାନ, ବାଜି ରାଉତ ଛାତ୍ରାବାସ, ଜିଲା ସର୍ବୋଦୟ ମଣ୍ଡଳର ମିଳିତ ଆନୁକୂଲ୍ୟ ବୁଧବାର ଗାନ୍ଧୀ ଓ ଶାସ୍ତ୍ରୀଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ଶିମିଳିପଡ଼ାସ୍ଥିତ ଗାନ୍ଧୀ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବା ସହ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କୁ ନେଇ ଏକ ପ୍ରତିଯୋଗିତା କରାଯାଇ ପୁରସ୍କୃତ କରାଯାଇଥିଲା। ପ୍ରାରମ୍ଭରେ ଅତିଥିମାନେ ବାପି –ନୁମାଙ୍କ ସ୍ମୃତିପିଠରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ମୁଖ୍ୟ ଅତିଥି ଭାବେ ଉତ୍କଳ ଗାନ୍ଧୀ ସ୍ମାରକ ନିଧିର ସଭାନେତ୍ରୀ କୃଷ୍ଣା ମହାନ୍ତି, ମୁଖ୍ୟବକ୍ତା ଭାବେ ପରିବେଶବିତ୍ ସ୍ୱପ୍ନାଶ୍ରୀ ଷଡଙ୍ଗୀ, ସମ୍ମାନିତ ଅତିଥି ଭାବେ ପୌରପାଳିକା ଉପାଧ୍ୟକ୍ଷ ଅନୁପମା ସାହୁ ଯୋଗ ଦେଇଥିଲେ। ପ୍ରଫେସର ନନ୍ଦକିଶୋର ମହାକୁଡ଼ ସଭାପତିତ୍ୱ କରିଥିବା ବେଳେ ଡା. ଇନ୍ଦିରା ଦାଶ ସଭା ପରିଚାଳନା କରିଥିଲେ। ଗାନ୍ଧିଜୀଙ୍କ ସପ୍ନର ଭାରତ ଆଜି ବି ଅଧୁରା। ଆଗାମୀ ପିଢି ଏହାକୁ ପୂର୍ଣ୍ଣ କରିବେ ବୋଲି ମୁଖ୍ୟବକ୍ତା ବକ୍ତବ୍ୟରେ ଆଶା ପ୍ରକାଶ କରିଥିଲେ। ପୁରସ୍କାର ବିତରଣ ସଭାକୁ ସୁଜାତା ପ୍ରିତୁ ନନ୍ଦା ପାତ୍ର ପରିଚାଳନା କରିଥିଲେ। ଛାତ୍ରବାସର ପରିଚାଳକ କୈଳାସ ଚନ୍ଦ୍ର ସାହୁ ଓ ଅନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଛୋଟରାୟ ମାଝୀ, ସୁବ୍ରତ ଦେହୁରୀ, ଲାଲକୃଷ୍ଣ ନାୟକ, କିଶୋର ଶତପଥୀ, ଶଙ୍କର ବେହେରା, ଆଦ୍ୟଶ୍ଲୋକ ମିଶ୍ର, ପ୍ରଦ୍ୟୁମ୍ନ ନାଏକ, ଦିଲୀପ ଦାସ, ଜଗଦାନନ୍ଦ ଜେନା, ପ୍ରତାପ ମହାପାତ୍ର, ଲବ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ରାଷ୍ଟ୍ରୀୟ ଯୁବା ସଙ୍ଗଠନ ରାଜ୍ୟ ସଂଯୋଜକ ସୂର୍ଯ୍ୟ ନାରାୟଣ ନାଥ ଧନ୍ୟବାଦ ଅର୍ପଣ କରିଥିଲେ।



ବାଜି ରାଉତ ଛାତ୍ରାବାସରେ ଗାନ୍ଧୀ ଓ ଶାସ୍ତ୍ରୀଙ୍କ ଜୟନ୍ତୀ ପାଳନ କରାଯାଉଛି।

# ନାଗରିକ ମଞ୍ଚ ପକ୍ଷରୁ ଗାନ୍ଧୀ ଜୟନ୍ତୀ

ଅନୁଗୋଳ,୨।୧୦(ମାନସ ବିଶ୍ୱାଳ)

ଅନୁଗୋଳ ସହରସ୍ଥିତ ନାଗରିକ ମଞ୍ଚ ପକ୍ଷରୁ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ଜୟନ୍ତୀ ଉତ୍ସବ ବୁଧବାର ପାଳନ କରାଯାଇଛି। ପୂର୍ବାହ୍ନ ୯ ଘଟିକାରେ ଶିମିଳିପଡ଼ାସ୍ଥିତ ଗାନ୍ଧୀ ସ୍ମୃତି ପୀଠରେ ମଞ୍ଚ ସଭାପତି ପ୍ରଫେସର କୁମୁଦ ଚନ୍ଦ୍ର ଦାଶ ଓ ସଦସ୍ୟମାନେ ଉପସ୍ଥିତ ରହି ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ମଞ୍ଚର ଯୁଗ୍ମ ସମ୍ପାଦକ ଦୀନେଶ ନାରାୟଣ ମିଶ୍ରଙ୍କ ସଂଯୋଜନାରେ ଗାନ୍ଧୀଙ୍କ ମହାନ ଜୀବନର ସ୍ମୃତିଚାରଣ କରାଯାଇଥିଲା। ଅନ୍ୟମାନଙ୍କ ସହ ମଞ୍ଚର ଉପସଭାପତି ବିମଳ କୁମାର ମିଶ୍ର, ଅରୁଣ ଦାସ, କୋଷାଧ୍ୟକ୍ଷ ବିପିନ କୁମାର ମହାପାତ୍ର, ସଦସ୍ୟ ମନୋଜ ପ୍ରଧାନ, ଧ୍ରୁବ ଚରଣ ସାହୁ, ପଦ୍ମ ଚରଣ ସାହୁ, କିଶୋର ସାହୁ, ରତ୍ନାକର ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।



ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତି ନିକଟରେ ନାଗରିକ ମଞ୍ଚର କର୍ମକର୍ତ୍ତାମାନେ।

# ବନ୍ୟପ୍ରାଣୀ ସପ୍ତାହ ପାଳିତ




ରାଜ୍ୟସ୍ତରୀୟ ବନ୍ୟପ୍ରାଣୀ ସପ୍ତାହ ପାଳନରେ ଉପସ୍ଥିତ ଅତିଥିମାନେ।

ଅନୁଗୋଳ,୨।୧୦(ମାନସ ବିଶ୍ୱାଳ)

ଅନୁଗୋଳ ଜିଲା ଜରପଡ଼ା ବନାଞ୍ଚଳ ଅନ୍ତର୍ଗତ ଜେରେଙ୍ଗ ଲକ୍ଷ୍ମୀଧରପୁର ବନ ସୁରକ୍ଷା ସମିତି ସଭାଗୃହ ଠାରେ ୭୦ ତମ ରାଜ୍ୟସ୍ତରୀୟ ବନ୍ୟପ୍ରାଣୀ ସପ୍ତାହ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ସାମାଜିକ କର୍ମୀ ଚିନ୍ମୟୀ ଦାସ, ଜରପଡା ବନାଞ୍ଚଳ ଅଧିକାରୀ ମାଧବ ଚନ୍ଦ୍ର ନାୟକ, ବନପାଳ ବସନ୍ତ ଗଡ଼ନାୟକ, ବନରକ୍ଷୀ ସୁଜିତ କଅଁର, ଭିଏସ୍ଏସ୍ ସଭାପତି ଓ ସଭ୍ୟାସଭ୍ୟ, ଏସ୍ଏଚ୍‌ଜି ସଭ୍ୟା, ସାମାଜିକ କର୍ମୀ ମଧୁସୂଦନ ପ୍ରଧାନ, ବାପୁଜୀ ସାହୁ ଅଂଶ ଗ୍ରହଣ କରି ବନ୍ୟପ୍ରାଣୀ ସପ୍ତାହ ପାଳନ ସମ୍ପର୍କରେ ଲୋକମାନଙ୍କୁ ବୁଝାଇଥିଲେ। ଏହା ଆସନ୍ତା ୮ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ବନଖଣ୍ଡ ଅଧିକାରୀ ସୂଚନା ଦେଇଛନ୍ତି।

# ଜିଲା କଂଗ୍ରେସ ପକ୍ଷରୁ ପଦଯାତ୍ରା

ଅନୁଗୋଳ,୨।୧୦(ଜ୍ୟୋତିରଞ୍ଜନ ସାହୁ)

ଅନୁଗୋଳ ଜିଲା କଂଗ୍ରେସ କମିଟି ତରଫରୁ ଜିଲା କଂଗ୍ରେସ ସଭାପତି ଅମ୍ବିକା ପ୍ରସାଦ ଭଞ୍ଜଙ୍କ ସଭାପତିତ୍ୱରେ ସ୍ଥାନୀୟ କଂଗ୍ରେସ ଭବନଠାରେ ମହାତ୍ମା ଗାନ୍ଧୀ ଓ ଲାଲ ବାହାଦୁର ଶାସ୍ତ୍ରୀଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଉପସ୍ଥିତ ଦଳୀୟ କର୍ମୀମାନେ ଗାନ୍ଧୀ ଓ ଶାସ୍ତ୍ରୀଙ୍କ ତୈଳଚିତ୍ରରେ ମାଲ୍ୟାର୍ପଣ କରିଥିଲେ। ଏହି ଅବସରରେ ଗାନ୍ଧୀ ଓ ଶାସ୍ତ୍ରୀଙ୍କ ଗୁଣଗାନ କରାଯାଇଥିଲା। ଜିଲା କଂଗ୍ରେସ ମୁଖପାତ୍ର ଗୋପାଳ ଚନ୍ଦ୍ର ନାଥ, ଉମେଶ ଚନ୍ଦ୍ର ସାହୁ, ବୀରେନ ନାଏକ, ରାକେଶ ମିଶ୍ର, ସୌମେନ୍ଦ୍ର ଦେହୁରୀ, କମ୍ବୁନାଥ ଦେହୁରୀ, ପ୍ରକାଶ ପ୍ରଧାନ, ବିମଳ ପ୍ରସାଦ ପ୍ରଧାନ, ସହଦେବ ବେହେରା, ଅଜୟ ପ୍ରଧାନ, ସନନ୍ତ କୁମାର ପ୍ରଧାନ, ଭଗବାନ ଦାସ, ଶିଶିର ପାଳ ପ୍ରମୁଖ ଛାତ୍ର କଂଗ୍ରେସ, ଯୁବ କଂଗ୍ରେସ, ମହିଳା କଂଗ୍ରେସ ଓ ସେବାଦଳ କର୍ମୀ ଉପସ୍ଥିତ ଥିଲେ। ପରେ ସମସ୍ତ କଂଗ୍ରେସ କର୍ମୀ ଜିଲା ସଭାପତିଙ୍କ ନେତୃତ୍ୱରେ ଏକ ପଦଯାତ୍ରାରେ ଗାନ୍ଧୀ ପାର୍କ ପର୍ଯ୍ୟନ୍ତ ଯାଇ ସେଠାରେ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ।




ଅନୁଗୋଳ ଜିଲା କଂଗ୍ରେସ ପକ୍ଷରୁ ପଦଯାତ୍ରା କରାଯାଉଛି।

# ସମର୍ପଣ ଏକାଡେମୀରେ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ



ସମର୍ପଣ ଏକାଡେମୀ ପ୍ରଗତିନଗର ଶାଖାରେ ଗାନ୍ଧୀ ଓ ଶାସ୍ତ୍ରୀଙ୍କ ଜୟନ୍ତୀ ପାଳନ।

ଅନୁଗୋଳ,୨।୧୦(ଜ୍ୟୋତିରଞ୍ଜନ ସାହୁ)

ଅନୁଗୋଳସ୍ଥିତ ସମର୍ପଣ ଏକାଡେମୀ ପ୍ରଗତିନଗର ଶାଖାରେ ଜାତିର ପିତା ମହାତ୍ମା ଗାନ୍ଧୀ ଓ ସ୍ୱାଧୀନତା ସଂଗ୍ରାମୀ ଲାଲ ବାହାଦୁର ଶାସ୍ତ୍ରୀଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଅନୁଷ୍ଠାନ ଅଧ୍ୟକ୍ଷା ବୈଷ୍ଣବୀ ଦେଓଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଜିଲା ଶିଶୁ ମଙ୍ଗଳ କମିଟି ସଦସ୍ୟ କଲ୍ୟାଣ କିଶୋର ମହାନ୍ତି ମୁଖ୍ୟ ଅତିଥି ଓ ଚିତ୍ରଶିଳ୍ପୀ ବିଦେଶୀ ନାଏକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଗାନ୍ଧୀ ଓ ଶାସ୍ତ୍ରିଜୀଙ୍କ ଫଟୋଚିତ୍ରରେ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ଅନୁଷ୍ଠାନର ପରିଚାଳନା ନିର୍ଦ୍ଦେଶକ ନିରୋଦ କୁମାର ସାହୁ ମଞ୍ଚ ପରିଚାଳନା କରିଥିଲେ। ଚିତ୍ରାଙ୍କନ ଓ ସାଧାରଣଜ୍ଞାନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ସହ ପରିଚାଳନା ନିର୍ଦ୍ଦେଶକ ପାର୍ଥସାରଥୀ ରାଉତ, ଶିକ୍ଷକ ଭବାନୀ ଶଙ୍କର ସାହୁ, ନୀତୀଶ ଚନ୍ଦ୍ର ବେହେରା, କିଷନ ପଟ୍ଟନାୟକ, ଲଳିତ କୁମାର ସାହୁଙ୍କ ସମେତ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

# 'ସ୍ୱଚ୍ଛତାକୁ ଜୀବନର ବ୍ରତ କର'

ଛେଣ୍ଡିପଦା,୨।୧୦(ଅଜିତ ଧଳ)

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ବଡ଼ମହିତଳାସ୍ଥିତ ଡିଏଭି ସାବିତ୍ରୀ ଜିନ୍ଦଲ ଉଚ୍ଚ ବିଦ୍ୟାଳୟରେ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ପ୍ରଧାନ ଶିକ୍ଷକ ଫକୀର ମୋହନ ସାହୁଙ୍କ ଅଧ୍ୟକ୍ଷତାରେ 'ଏକ ତାରିଖ ଏକ ଘଣ୍ଟା, 'ସ୍ୱଚ୍ଛତା ହିଁ ସେବା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅତିଥି ଭାବେ ଅନୁଗୋଳ ଜେଏସ୍‌ପିର ସିଏସ୍ଆର୍ ବିଭାଗ ମୁଖ୍ୟ ଜୟନ୍ତ ମହାନ୍ତି ଓ ସମ୍ମାନିତ ଅତିଥି ଭାବେ ସିଏସ୍ଆର୍ ଡେପୁଟି ମ୍ୟାନେଜର ତାପସ ମହାନ୍ତି ଉପସ୍ଥିତ ରହି ସ୍ୱଚ୍ଛତାକୁ ଜୀବନର ବ୍ରତ ଭାବରେ ଗ୍ରହଣ କରିବା ପାଇଁ ପରାମର୍ଶ ଦେଇଥିଲେ। ମୁଖ୍ୟ ବକ୍ତା ଭାବେ ଶିକ୍ଷକ ମଳ୍ୟାନ୍ଦୁ ମହାପାତ୍ର ଉପସ୍ଥିତ ଥିଲେ। ଶିକ୍ଷୟିତ୍ରୀ ମଧୁମିତା ସାହୁ, ଶିକ୍ଷକ ଚିତ୍ତରଞ୍ଜନ ଦାସ ଯୋଗ ଦେଇଥିଲେ। ଏହି ଅବସରରେ ବିଦ୍ୟାଳୟ ପରିସରରୁ ସ୍ୱଚ୍ଛତା କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା। ଏହାପରେ ଗ୍ରାମ ସଡ଼କ, ଶିବ ମନ୍ଦିର ପରିସର, ଖେଳ ପଡିଆ ଆଦି ସଫେଇ କରାଯାଇଥିଲା। ରନଫର୍ ଡିଏଭି କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଦୌଡ଼ ପ୍ରତିଯୋଗିତା କରାଯାଇଥିଲା। ଶିକ୍ଷୟିତ୍ରୀ ସସ୍ମିତା ସାହୁ ଓ ଜୁଲି ପାଣି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଛାତ୍ରୀ ମୋନାଲିସା ବେହେରା ପରିଚାଳନା କରିଥିଲେ। ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ। ସମସ୍ତ ଛାତ୍ରୀଛାତ୍ର, ଅଭିଭାବକ, ସ୍କାଉଟ୍ସ, ଗାଇଡ୍ସ, ରେଡ୍‌କ୍ରସ ବାହିନୀ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ।



ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଛାତ୍ରୀଛାତ୍ରମାନେ।

# ସ୍ୱଚ୍ଛତାକୁ ଅଧିକ ଗୁରୁତ୍ୱ ଦେବାକୁ ପରାମର୍ଶ

ବଅଁରପାଳ,୨।୧୦(ସୁବାସ ସାହୁ)

ଅନୁଗୋଳ ଜିଲା ନାଲ୍‌କୋନଗରରେ ଥିବା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ନିକଟରେ ନାଲ୍‌କୋ ପକ୍ଷରୁ ଗାନ୍ଧିଜୀଙ୍କ ୧୫୫ତମ ଜୟନ୍ତୀ ବୁଧବାର ପାଳନ କରାଯାଇଛି। ମୁଖ୍ୟ ଅତିଥି ଭାବେ ନାଲ୍‌କୋ ଇଡି ଶ୍ରୀନିବାସ ସୁବ୍ରମଣ୍ୟମ ନରେଲା ଯୋଗଦେଇ ସ୍ୱଚ୍ଛତାକୁ ଅଧିକ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ମାନବ ସମ୍ବଳ ମହାପ୍ରବନ୍ଧକ ଶୁଭେନ୍ଦୁ ନାୟକ, ଜିଜିଏମ୍ ଓଆଣ୍ଡଏମ୍ ସଚ୍ଚିଦାନନ୍ଦ ଜେନା, ଜିଜିଏମ୍ କୋଲ ମାଇନ୍ସ ସୁଧାଂଶୁ ଶେଖର ପାତ୍ର, ଜିଜିଏମ୍ ସିପିପି ଅମରେନ୍ଦ୍ର ମିଶ୍ର, ଏସ୍‌ଭିଏମ୍ ସ୍କୁଲ ଅଧ୍ୟକ୍ଷ ଡ. ଶତ୍ରୁଘ୍ନ ବେହେରା, ଡିପିଏସ୍ ସ୍କୁଲ ଅଧ୍ୟକ୍ଷା ପଦ୍ମଜା ନନ୍ଦ, ଏସଆଣ୍ଡପି କମନ ୱେଲଫେୟାର କମିଟି ସଦସ୍ୟଙ୍କ ସମେତ ସମସ୍ତ ଶ୍ରମିକ ସଙ୍ଗଠନର କର୍ମକର୍ତ୍ତା ଯୋଗ ଦେଇଥିଲେ। ସମସ୍ତ ନିମନ୍ତ୍ରିତ ଅତିଥି ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏସଆଣ୍ଡପି କମନ ୱେଲଫେୟାର କମିଟିର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ଗାନ୍ଧୀ ଜୟନ୍ତୀ ଉପଲକ୍ଷେ ଆୟୋଜିତ ସ୍ୱଚ୍ଛତା ହିଁ ସେବା ଉପରେ ପ୍ରବନ୍ଧ ପ୍ରତିଯୋଗିତାର ୨୫ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ସାନିଟାରି ବିଭାଗରେ କାର୍ଯ୍ୟ ସମ୍ପାଦନ କରୁଥିବା ୧୪୦ ଜଣଙ୍କୁ ସଫେଇ ମିତ୍ର ଭାବେ ସମ୍ମାନିତ କରାଯାଇଥିଲା। ନାଲକୋ କଲୋନୀରେ କାର୍ଯ୍ୟ କରୁଥିବା ୧୫୦ ଜଣ ଗୃହ ସହାୟିକାଙ୍କୁ ଶାଢ଼ି ପ୍ରଦାନ କରାଯାଇଥିଲା। ଉଦ୍ୟାନ ବିଭାଗ ସିନିୟର ମ୍ୟାନେଜର ପ୍ରଦୀପ୍ତ ମଲ୍ଲିକ ମଞ୍ଚ ପରିଚାଳନା କରିଥିବା ବେଳେ ଲୋକ ସମ୍ପର୍କ ଅଧିକାରୀ ସମୀର ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ସରସ୍ୱତୀ ବିଦ୍ୟାମନ୍ଦିର ନାଲ୍‌କୋନଗରରେ ଅଧ୍ୟକ୍ଷ ଡ. ଶତ୍ରୁଘ୍ନ ବେହେରାଙ୍କ ତତ୍ତ୍ୱାବଧାନରେ ଗାନ୍ଧୀ ଜୟନ୍ତୀ ଓ ଶାସ୍ତ୍ରୀ ଜୟନ୍ତୀ ପାଳିତ ହୋଇଯାଇଛି। ସମ୍ପାଦକ ପ୍ରଭାତ କୁମାର ଧର, ଶିକ୍ଷକ ସତ୍ୟବାଦୀ ସାହୁ ଯୋଗଦେଇ ଗାନ୍ଧିଜୀ ଏବଂ ଶାସ୍ତ୍ରିଜୀଙ୍କ ଆଦର୍ଶରେ ଅନୁପ୍ରାଣିତ ହେବା ପାଇଁ ପରାମର୍ଶ ଦେଇଥିଲେ। ଉପାଧ୍ୟକ୍ଷା ସସ୍ମିତା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।



ନାଲ୍‌କୋ ପକ୍ଷରୁ ଗାନ୍ଧୀ ଓ ଶାସ୍ତ୍ରିଜୀଙ୍କ ଜୟନ୍ତୀ ପାଳନ ଅବସରରେ ଅଧିକାରୀମାନେ।

